Rediffusion/Edelman

| Published Date: | 20 Sep 2017 | Publication: | Nirbhaya (Oriya) |
|---|---|---|---|
| Edition: | Bhubaneshwar | Page No: | 5 |
| Circulation: | 12000 | | |

# ଟିସିଏସ୍ କୁଇଜ୍: ରେଭେନ୍ସା ଜୁନିଅର ଚମ୍ପିଆନ

ନିର୍ଭୟ ମିଡିଆ : ଭୁବନେଶ୍ୱର

ମଙ୍ଗଳବାର ଟାଟା କନସଲ୍ଟାନ୍ସୀ ସର୍ଭିସେସ୍(ଟିସିଏସ) ପକ୍ଷରୁ ସ୍ଥାନୀୟ ପାଲ ହାଇଟଠାରେ ଦେଶର ସବୁଠାରୁ ବଡ ଆନ୍ତଃ ସ୍କୁଲ କୁଇଜ୍ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାରେ ଅନ୍ୟୂନ ୮୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଟିସିଏସ ପକ୍ଷରୁ ଆୟୋଜିତ ଭୁବନେଶ୍ୱର ଏଡିସନ ପ୍ରତିଯୋଗୀତାରେ ରାଞ୍ଚି ଏବଂ ବିଶାଖାପାଟନାମର ଛାତ୍ରଛାତ୍ରୀମାନେ ମଧ ଯୋଗ ଦେଇଥିବା ଜଣାପଡିଛି ।

ଟିସିଲସ ଆୟୋଜନ କରୁଥିବା ଏହି ଆନ୍ତଃ ସ୍କୁଲ ପ୍ରତିଯୋଗିତା ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ । ଏହି ପ୍ରତିଯୋଗୀତା ପାଇଁ ପ୍ରତି ଶିକ୍ଷାନୁଷ୍ଠାନ ସର୍ବାଧିକ ୮ଟି ଟିମ୍ ପଠାଇପାରିବାକୁ ଥିଲାବେଳେ ପ୍ରତି ଟିମ୍‌ରେ ୨ ଜଣ ମାତ୍ର ଝାତ୍ରଛାତ୍ରୀ ରହିପାରିବେ । ଚଳିତ ବର୍ଷର କୁଇଜ୍ ପ୍ରତିଯୋଗୀତା ମୁଖ୍ୟତଃ ୪ଟି ବିଷୟ ଯଥା-ସ୍ୱୟଂଚାଳିତ ଉପକରଣର ବ୍ୟବହାର, ପ୍ରାସଙ୍ଗିକ ଜ୍ଞାନ, ଯାନ୍ତ୍ରିକ ଶିକ୍ଷା ଏବଂ କ୍ଷିପ୍ରତା ଉପରେ ଆଧାରିତ ଥିଲା । ଏହାଛଡା ଟିସିଏସ ସମ୍ବନ୍ଧିତ ଜ୍ଞାନ ଉପରେ ଏକ ରାଉଣ୍ଡ ମଧ ପ୍ରତିଯୋଗୀତାର ଅଂଶ ବିଶେଷ ଥିବା ଜଣାପଡିଛି । ପ୍ରତିଯୋଗୀତାର ପ୍ରାରମ୍ଭିକ ଲିଖିତ ରାଉଣ୍ଡରେ ଉତ୍ତୀର୍ଣ୍ଣ ଶ୍ରେଷ୍ଠ ୬ଟି ଟିମ୍ ଆଞ୍ଚଳିକ ସ୍ତରରେ ହେବାକୁ ଥିବା ଚୂଡାନ୍ତ ପର୍ଯ୍ୟାୟରେ ଅଂଶ୍ରଗହଣ କରିଥିଲେ । ଆଞ୍ଚଳିକ ପର୍ଯ୍ୟାୟରେ ୫ଟି କୁଇଜ୍ ରାଉଣ୍ଡରେ ଉତ୍ତୀର୍ଣ୍ଣ ହେବା ପରେ ରେଭନ୍ସା ଜୁନିଅର ସ୍କୁଲର ପ୍ରିୟମ ପଣ୍ଡା ଏବଂ ସୁଭମ ହୋତା ପ୍ରତିଯୋଗୀତାରେ ବିଜୟୀ ଘୋଷିତ ହୋଇଥିଲେ । ଟିସିଏସ ପକ୍ଷରୁ ଆଞ୍ଚଳିକ ଚାମ୍ପିଅନ ଦଳକୁ ୬୦ ହଜାର ଏବଂ ସୁଭମ ପଣ୍ଡା ଏବଂ ନୈବେଦ୍ୟ ଦାଶଙ୍କୁ ନେଇ ଗଠିତ ରନର୍ସ ଅପ୍ ଦଳକୁ ୪୦ ହଜାର ଟଙ୍କାର ଗିଫ୍ଟ ଭାଉଚର ସହ ଟ୍ରଫି



ଏବଂ ମେଡାଲ ପ୍ରଦାନ କରାଯାଇଥିଲା । ଏହାଛଡା ଯେଉଁ ୬ ଦଳ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲେ, ସେମାନଙ୍କୁ ଜିମ୍ ବ୍ୟାଗ୍, ଓଟିଜି ପେନ୍ ଡ୍ରାଇଭ୍, ଇୟରଫୋନ୍ ଏବଂ ବ୍ଲୁଟୁଥ୍ ସ୍ପିକର ଆଦି ସାନ୍ତନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିବା ଜଣାପଡିଛି । ଆଞ୍ଚଳିକ ସ୍ତରରେ ଚାମ୍ପିଅନ ହୋଇଥିବା ଦଳ ନିଜର ଜଣେ ଶିକ୍ଷକ ଅବା ଅବିଭାବକଙ୍କ ସହ ଜାତୀୟ ସ୍ତରର ଚୂଡାନ୍ତ ପର୍ଯ୍ୟାୟରେ ଭାଗ ନେବା ପାଇଁ ବିମାନ ଯାତ୍ରା କରିବେ ।

ପ୍ରକାଶ ଥାଉ କି, ଟିସିଏସ ପକ୍ଷରୁ ଏହି ଆନ୍ତଃ ସ୍କୁଲ କୁଇଜ୍ ପ୍ରତିଯୋଗୀତା ଭୁବନେଶ୍ୱର ବ୍ୟତୀତ ଦେଶର ୧୨ଟି ସହର- ଅହମଦାବାଦ, ବେଙ୍ଗାଲୁରୁ, ଚେନ୍ନାଇ, ହାଇଦ୍ରାବାଦ, କୋଲକତା, ଇନ୍ଦୋର, ନାଗପୁର, କୋଚି, ଦିଲ୍ଲୀ, ମୁମ୍ବାଇ ଏବଂ ପୁନେଠାରେ ମଧ ଆୟୋଜିତ ହେଉଛି ।